# ODIA

*Maximum Marks: 80*

*Time Allowed: Three hours*

*(Candidates are allowed **additional 15 minutes** for only reading the paper.*
*They must **NOT** start writing during this time.)*

*Answer **Questions 1, 2 and 3** in **Section A** and **four** questions from **Section B** on **any three** out of the four prescribed textbooks.*
*The intended marks for questions or parts of questions are given in brackets [ ].*

## SECTION A

## LANGUAGE - 40 MARKS

**Question 1** **[15]**

**Write a composition in approximately 400 words in Odia on any *one* of the topics given below.**

ନିମ୍ନଲିଖିତ ବିଷୟ ମଧ୍ୟରୁ ଯେ କୌଣସି ଗୋଟିଏ ବିଷୟରେ ଏକ ରଚନା ଓଡ଼ିଆ ଭାଷାରେ ପ୍ରାୟ 400 ଶବ୍ଦରେ ଲେଖ :-

(i) ଜୀବନରେ ବଡ଼ ହେବାକୁ ହେଲେ ନିଜର ଚେଷ୍ଟା ଓ ଗୁରୁଜନଙ୍କ ଆଶୀର୍ବାଦ ଏକାନ୍ତ ଆବଶ୍ୟକ -ଏହାର ସପକ୍ଷରେ କିମ୍ବା ବିପକ୍ଷରେ ତୁମର ମତାମତ ଉପସ୍ଥାପନ କର ।

(ii) କୌଣସି ଦେଶର ଶାନ୍ତି ପାଇଁ ଓ ତାର ବିକାଶ ପାଇଁ ଏହାର ଜନତା ରାଜନେତା ଓ ପ୍ରତିବେଶୀ ଦେଶର ସହଯୋଗ ଆବଶ୍ୟକ ।

(iii) ତୁମେ ଦେଖିଥିବା ଏକ ଦର୍ଶନୀୟ ସ୍ଥାନର ବର୍ଣନା କର । ଏଥିରେ ଉପକ୍ରମ ,ସ୍ଥାନର ଅବସ୍ଥିତି ଐତିହସିକ ଭୂମିକା କିମ୍ବା ସ୍ଥାନର ଗୁରୁତ୍ୱ ଓ ଅନ୍ୟାନ୍ୟ ଆକର୍ଷଣ ବିଷୟ ଉଲ୍ଲେଖ କରିବା ବିଧେୟ ।

(iv) ପ୍ରାକୃତିକ ଘଟଣା ଭୂମିକମ୍ପ ର ଭୟାବହତା ଓ ନିରାକରଣ ବ୍ୟବସ୍ଥା ବର୍ଣ୍ଣନା କର ।

(v) ବିଜ୍ଞାନର ଉନ୍ନତି ଦେଶ ପ୍ରଗତିର ଚାବିକାଠି ।

(vi) କୌଣସି ଗୋଟିଏ ବିଷୟରେ ଏକ ମୌଳିକ କ୍ଷୁଦ୍ର ଗଳ୍ପ ତୁମ ନିଜ ଭାଷାରେ ଲେଖ ।

(a) ତୁଳସୀ ଦୁଇ ପତ୍ରରୁ ବାସେ ।

(b) ଦଇବ ଦୌଡ଼ି ମଣିଷ ଗାଈ ଯେଣିକି ଟାଣିଇ ତେଣିକି ଯାଇ ।



Downloaded From www.icseboard.org

**Question 2**

**Read the passage given below carefully and answer the questions that follow, using your own words in Odia.**

**ନିମ୍ନୋକ୍ତ ଗଦ୍ୟାଂଶ ଟି ପଢ଼ ଓ ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଓଡ଼ିଆ ଭାଷାରେ ଲେଖ ।**

ସ୍ନେହମୟୀ ଉତ୍କଳ ଜନନୀର ପବିତ୍ର କୋଳରେ ଯେଉଁ କେତେ ଜଣ ଯୋଗଜନ୍ମା ବୀରପୁତ୍ର ଜନ୍ମ ଗ୍ରହଣ କରି ଥିଲେ ,ସେମାନଙ୍କ ମଧ୍ୟରୁ ଗୋଦାବରୀଶ ମିଶ୍ର ଅନ୍ୟତମ । ପୁରୀ ଜିଲ୍ଲା ଅନ୍ତର୍ଗତ ବାଣପୁର ଥାନାରେ ସ୍ୱଚ୍ଛତୋୟା ଶାଳିଆର ତଟଦେଶରେ ଅବସ୍ଥିତ ଶ୍ରୀନିବାସପୁର ଶାସନରେ ଏକ ସମ୍ଭ୍ରାନ୍ତ କୁଳରେ ୧୮୮୬ ମସିହା ଅକଟୋବର 26 ତାରିଖରେ ସେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଶ୍ରୀ ଲିଙ୍ଗରାଜ ମିଶ୍ର ଓ ମାତାଙ୍କ ନାମ ଶ୍ରୀମତୀ ଅପସରା ଦେବୀ

ପାରମ୍ପରିକ ରୀତିରେ ଗାଁ ଚାଟଶାଳୀରେ ଗୋଦାବରୀଶ ମିଶ୍ର ବିଦ୍ୟା ଶିକ୍ଷା ଆରମ୍ଭ କରିଥିଲେ । ଉଚ୍ଚ ପ୍ରାଥମିକ ପରୀକ୍ଷାରେ ପୁରୀ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ଭୀମପୁରରେ ମଧ୍ୟ ଉର୍ଣ୍ଣାକୁଳର ବିଦ୍ୟାଳୟରେ ନାମ ଲେଖାଇଥିଲେ । ସେ ପୁରୀ ଜିଲ୍ଲା ସ୍କୁଲରେ ପଢ଼ିଲା ବେଳେ ଅଷ୍ଟମ ଶ୍ରେଣୀରେ ଦ୍ୱତୀୟ ସ୍ଥାନ ଅଧିକାର କରିଥିଲେ । ଦଶମ ଶ୍ରେଣୀରେ ପଢୁଥିବା ବେଳେ ସେ ସନ୍ତ୍ରାସବାସୀ ଦଳର ଜୈନିକ ନେତା ଶ୍ରୀ ଶଶୀଭୂଷଣ ଚୌଧୁରୀଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ । ପ୍ରବେଶିକା ପରୀକ୍ଷାରେ ଦ୍ୱତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇ ସେ କଟକରେ ଏଫ. ଏ. ଓ ବି. ଏ ପଢି କଲିକତା ଯାଇ ଓକିଲାତି ଅଧ୍ୟୟନ କରିଥିଲେ । ସେହିଠାରେ ସେ ଶିକ୍ଷକ ତାଲିମ ବି.ଟି ମଧ୍ୟ ପଢ଼ିଥିଲେ ।

ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତାଙ୍କ ଭୂମିକା ଅତୁଳନୀୟ ଥିଲା । ସେ ଥିଲେ ସ୍ୱତନ୍ତ୍ର ଓଡ଼ିଶାର ଶିକ୍ଷାମନ୍ତ୍ରୀ । ଏହି ସମୟରେ ତାଙ୍କରି ପ୍ରଚେଷ୍ଟାରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏହାର ନାମ ଉତ୍କଳ ବିଶ୍ୱବିଦ୍ୟାଳୟ ରଖାଗଲା ।

ସେ କଲିକତାରେ ଅଧ୍ୟୟନ କରୁଥିବା ବେଳେ ହିନ୍ଦୁ ସମାଜ ନାମକ ଏକ ଅନୁଷ୍ଠାନ ଗଢ଼ିଥିଲେ । ସମାଜରୁ କୁସଂସ୍କାର ଦୂର କରିବା ଥିଲା ଏହାର ପ୍ରଧାନ ଉଦେଶ୍ୟ । ରକ୍ଷଣଶୀଲ ଲୋକ ମାନେ ଏହି ଅନୁଷ୍ଠାନ କାର୍ଯ୍ୟକୁ ବିରୋଧ କଲେ । କାରଣ ଏହାର ସଭ୍ୟଙ୍କ ପାଇଁ ଜାତି ଭେଦର କୌଣସି ମୂଲ୍ୟ ନଥିଲା । ସାମାଜିକ ଦୁର୍ନୀତିର ବିଲୋପ ସାଧନ ନିମନ୍ତେ ଏହାର ସଭ୍ୟ ମାନେ ବ୍ରତୀ ଥିଲେ ।

ଗୋପବନ୍ଧୁଙ୍କ ପ୍ରେରଣାରେ ସେ ସମାଜ ସେବାକୁ ନିଜ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ସେ ଗୋପବନ୍ଧୁଙ୍କ ନିଜ ଜୀବନ ତରୀର କର୍ଣ୍ଣ ଧାର ରୂପେ ଗ୍ରହଣ କରିଥିଲେ । ସେ ତାଙ୍କର ଆଦର୍ଶରେ ଏତେ ଅନୁପ୍ରାଣିତ ହୋଇଯାଇଥିଲେ ଯେ ଜୀବନ ସର୍ବସ୍ୱ ହରାଇ ଦାଣ୍ଡର ଭିକାରି ହେବାପାଇଁ ମଧ୍ୟ କୁଣ୍ଠାବୋଧ କରିନଥିଲେ ।

ଜନସେବକ ଗୋଦାବରୀଶ ବାଣୀସେବକ ମଧ୍ୟ ଥିଲେ । ଉତ୍କଳ ଭାରତୀଙ୍କ ସେବା ପରିଚର୍ଯ୍ୟାରେ ସେ ନିଜକୁ ସମ୍ପୂର୍ଣ୍ଣ ରୂପେ ଅର୍ପଣ କରିଥିଲେ । ନାଟକ ,ଉପନ୍ୟାସ, ଗଳ୍ପ ଓ କବିତା ମାଧ୍ୟମରେ ସେ ନିଜର ସାହିତ୍ୟିକ ପ୍ରତିଭା ଓ ସାରସ୍ୱତ ସାଧନର ପରିଚୟ ଦେଥିଲେ । ଆଲେଖୀକା ଲେଖି ସେ ଦେଶବାସୀଙ୍କ ମନରେ ଜାତୀୟତା ଭାବ ସୃଷ୍ଟିକରିବା ସଙ୍ଗେ ସଙ୍ଗେ କାଳିଜାଇ ମାଧ୍ୟମରେ ସେ ଏକ ସରଳ ପଲ୍ଲୀବାଳାର ଅନ୍ତରର ବେଦନା ବ୍ୟକ୍ତ କରିଛନ୍ତି । ମାନବ ପ୍ରୀତି ଓ ମାନବିକ ସମ୍ବେଦନଶୀଳତା ତାଙ୍କର ଅନ୍ୟ ଏକ ଗୁଣ । ତେଣୁ ସେ ଥିଲେ ଏକାଧାରରେ ଜଣେ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ, ସୁଦକ୍ଷ ପ୍ରଶାସନିକ, ଜାତୀୟ ଯୋଦ୍ଧା ଦାୟିକ ବ୍ୟବସ୍ଥାପକ ବଶିଷ୍ଠ ଦାର୍ଶନିକ ଚତୁର ଶିକ୍ଷାବିତ୍ ସମ୍ବେଦନଶୀଳ ମଣିଷ ଓ ସର୍ବୋପରି ଜଣେ ମହାନ ଜନନାୟକ । ସେ ଥିଲେ ଓଡ଼ିଶାର ଏକ ସମ୍ପୂର୍ଣ୍ଣ ଅନୁଷ୍ଠାନ । ପଣ୍ଡିତ ଗୋଦାବରୀଶ <u>ଗତାୟୁ</u> ମାତ୍ର ତାଙ୍କର ସାଧନା ତ୍ୟାଗ ଓ ଅବଦାନ ଯୋଗୁ ସେ ଆଜି ଓଡ଼ିଶାର ଜନ ମାନସରେ ଉଜ୍ଜୀବିତ ।



Downloaded From www.icseboard.org

(i) ଗୋଦାବରୀଶ ମିଶ୍ରଙ୍କ ବାଲ୍ୟ ଶିକ୍ଷା କିପରି ସମାହିତ ହୋଇଥିଲା ? [3]

(ii) ସେ ଗୋପବନ୍ଧୁଙ୍କ ଦ୍ୱାରା କିଭଳି ପ୍ରଭାବିତ ହୋଇଥିଲେ ? [3]

(iii) ତାଙ୍କ ସାରସ୍ୱତ ସାଧନାର ପରିଚୟ ଦିଅ । ତାଙ୍କୁ ଏକ ସ୍ୱୟଂ ଅନୁଷ୍ଠାନ କହିବାର କାରଣ କଣ ? [3]

(iv) (ଉପଯୁକ୍ତ ଉତ୍ତର ଚୟନ କର )

(a) ଗୋଦାବରୀଶ ଙ୍କ ଜନ୍ମ କେଉଁ ସ୍ଥାନରେ ହୋଇଥିଲା ? [1]

(1) ଶ୍ରୀନିବାସପୁର

(2) ବାଣପୁର

(3) କଟକ

(4) ସତ୍ୟଭାମାପୁର

(b) ସେ କେଉଁ ସମୟରେ ସନ୍ତ୍ରାସବା ଦୀ ନେତାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ । [1]

(1) ଓଡିଶାର ଶିକ୍ଷା ମନ୍ତ୍ରୀ ଥିବା ବେଳେ

(2) ଅଷ୍ଟମ ପଢୁଥିବା ବେଳେ

(3) ଦଶମ ପଢୁଥିବା ବେଳେ

(4) ଏଫ .ଏ ପଢୁଥିବା ବେଳେ

(c) ତତକାଳୀନ ସ୍ଥାପିତ ବିଶ୍ୱବିଦ୍ୟାଳୟର ନାମ କଣ ଥିଲା ? [1]

(1) ଜ୍ୟୋତି ବିହାର ବିଶ୍ୱବିଦ୍ୟାଳୟ

(2) ଉତ୍କଳ ବିଶ୍ୱବିଦ୍ୟାଳୟ

(3) ଭଞ୍ଜ ବିହାର ବିଶ୍ୱବିଦ୍ୟାଳୟ

(4) ପାଟନା ବିଶ୍ୱବିଦ୍ୟାଳୟ

(v) ଉପଯୁକ୍ତ ଉତ୍ତର ଚୟନ କର ।

(a) ଗୋଦାବରୀଶ କାହାକୁ ନିଜର ଆଦର୍ଶ ଭାବରେ ଗ୍ରହଣ କରିଥିଲେ । [1]

(1) ଶଶୀଭୂଷଣ ଚୌଧୁରୀ

(2) ମହାତ୍ମା ଗାନ୍ଧୀ

(3) ଲିଙ୍ଗରାଜ ମିଶ୍ର

(4) ଗୋପବନ୍ଧୁ ଦାସ



Downloaded From www.icseboard.org

(b) ସମାଜରୁ କୁସଂସ୍କାର ଦୂର କରିବା କାହାର ଉଦେଶ୍ୟ ଥିଲା । [1]

(1) ହିନ୍ଦୁ ସମାଜ

(2) ଲୋକ ମୁଖ

(3) ଆଲେଖିକା

(4) ଆପସରା ଦେବୀ

(c) ରଖାଙ୍କିତ ଶବ୍ଦ ଉଡ଼ାୟୁ ର ଅର୍ଥ ଲେଖ । [1]

(1) ପଳାତକ

(2) ଜନ୍ମ

(3) ମୃତ୍ୟୁ

(4) ଜୀବନ

**Question 3**

**(A) Correct the following sentences and re-write as per the instruction given:**

ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ :-

(i) ନିମ୍ନଲିଖିତ ବାକ୍ୟକୁ ଶୁଦ୍ଧ ରୂପରେ ଲେଖ :- [1]

ଯଦି ଦୁର୍ଭିକ୍ଷ ପଡିବ ଅନ୍ନ ବିହୁନେ ବହୁଲୋକ ମାନଙ୍କର ପ୍ରାଣ ଚାଲିଗଲା ବୋଲି ଜାଣ

(ii) ଶୂନ୍ୟସ୍ଥାନରେ ଉପଯୁକ୍ତ ଶବ୍ଦ ଲେଖି ବାକ୍ୟଟିକୁ ପୂର୍ଣ୍ଣ କର । [1]

ସନ୍ଧ୍ୟା ହେବାରୁ ମନ୍ଦିର ମାନଙ୍କର ____________ ଜାଳି ଉଠିଲା ।

(iii) ନିମ୍ନଲିଖିତ ବାକ୍ୟ ମଧ୍ୟରୁ ଶୁଦ୍ଧ ବାକ୍ୟଟିକୁ ଚୟନ କର । [1]

(a) ବଡ଼ ବଡ଼ ଯୋଜନା ମାନ କାମ କଲା ନାହିଁ ।

(b) ଏବେ ପ୍ରତି ଘରେ ଟିଭି ରହିଲାଣି ।

(c) ଏବେ ପ୍ରତି ଘର ଗୁଡିକରେ ଟିଭି ରହିଲାଣି ।

(d) ବହୁ ଘଟଣା ବଳି ଘଟୁଛି ।

(iv) ଅବ୍ୟବସ୍ଥା ବାକ୍ୟଟିକୁ ସଜ୍ଜିତ ରୂପ ପ୍ରଦାନ କର । [1]

ଯାହାର ଖାଇବ ଗାଇବ ତାହାର ଲୁଣ , ଗୁଣ



Downloaded From www.icseboard.org

(v) ବାକ୍ୟଟିର ଅର୍ଥ ନ ବଦଳାଇ ରଖାଙ୍କିତ ଶବ୍ଦ ପାଇଁ ଅନ୍ୟ ଏକ ଶବ୍ଦ ଚୟନ କର । [1]

ହିଂସ୍ର ବ୍ୟାଘ୍ର ପ୍ରତି ସତର୍କ ରହିବା ଉଚିତ ।

(a) ଚାଲାକ

(b) ଦୁଷ୍ଟ

(c) ସାହାସି

(d) ସାବଧାନ

**(B) Use the Idioms in the sentences as per the instructions given:**

ନିର୍ଦ୍ଦେଶ ଅନୁସାରେ ରୂଢ଼ି ଶବ୍ଦର ବ୍ୟବହାର କର ।

(i) ନିମ୍ନଲିଖିତ ରୂଢ଼ି ଶବ୍ଦକୁ ବାକ୍ୟରେ ବ୍ୟବହାର କର । [1]

ଛେନାରୁ ଚୋପା ଛଡ଼ାଇବା

(ii) ଉପଯୁକ୍ତ ରୂଢ଼ିଶବ୍ଦ ଚୟନ କରି ଶୂନ୍ୟସ୍ଥାନ ପୂରାଣ କର । [1]

ସେ ଗୋଟିଏ ____________ ତାକୁ ବିଶ୍ୱାସ କରନାହିଁ ।

(a) ବାହାଘର ବେଳେ ବାଇଗଣ ରୁଆ

(b) ବିରାଡ଼ି ବେକରେ ଘଣ୍ଟି ବାନ୍ଧିବା

(c) ବିରାଡ଼ି ବୈଷ୍ଣବ

(d) ବିରାଡ଼ି ଛିଙ୍କିବା

(iii) ନିମ୍ନଲିଖିତ ବାକ୍ୟ ପାଇଁ ଉପଯୁକ୍ତ ରୂଢ଼ି ଶବ୍ଦ ଚୟନ କର । [1]

ତାଙ୍କ ଘର କଥା ଆଉ ଗୁପ୍ତ ହୋଇ ରହିନାହିଁ , ସମସ୍ତେ ଜାଣିଲେଣି

(a) ହାତୀକି ହୋମିଓପ୍ୟାଥି

(b) ହାଟରେ ପଡ଼ି ଦାଣ୍ଡରେ ଗଡ଼ିଲାଣି

(c) ଶତମୁଖ ହେବା

(d) ହାଟ ମଧ୍ୟରେ ବ୍ରହ୍ମଜ୍ଞାନ



Downloaded From www.icseboard.org

(iv) ନିମ୍ନଲିଖିତ ରୂଢି ଅର୍ଥ ପାଇଁ ଉପଯୁକ୍ତ ରୂଢି ଶବ୍ଦ ଚୟନ କର । [1]

ଲାଭ ଯେତିକି କ୍ଷତି ସେତିକି

(a) ଗୋଡ଼ରେ କୁରାଢ଼ୀ ମାରିବା

(b) ଗୋଟିଏ ହାତରେ ତାଳି ବଜେନା

(c) ଗୋଦରା କୋଡେ ଯେତେ ମାଢ଼େ ସେତେ

(d) ଗୋଟିଏ ଗୁଳିରେ ଦୁଇଟି ଶିକାର

(v) ରୂଢି ଶବ୍ଦକୁ ସୁଦ୍ଧ କରିଲେଖ । [1]

ଘିଅ ହବନା ଷାଠିଏ ମହଣ , ନାଚିବ ରାଧା

## SECTION B
## LITERATURE - 40 MARKS

*Answer **four** questions from this section on **any three** out of the four prescribed textbooks.*

ଚାରୋଟି ନିର୍ଦ୍ଦିଷ୍ଟ ପାଠ୍ୟ ପୁସ୍ତକରୁ ଯେ କୌଣସି ତିନୋଟି ପୁସ୍ତକ ମଧ୍ୟରୁ ଚାରୋଟି ପ୍ରଶ୍ନର ଉତ୍ତର ଦିଅ

## ପଲ୍ଲିଶ୍ରୀ (PALLISHREE)

**Question 4**

"ତାହାରି ଲଟା , ତାହାରି ବଣ
ତା' ଗାଇ ଗୋଠ ମୁରଲୀ- ସ୍ୱନ
ଫସଲ କଟା ମଧୁର ଗାନ
ସକଳ ମୋର ସାହାଟି "

(i) କବିଙ୍କର ହୃଦୟରେ କିଏ କବିତ୍ୱର ଭାବ ଜାଗ୍ରତ କରି ଥିଲା ? [1]

(ii) କବିଙ୍କର ଗାଆଁର ଭୌଗୋଳିକ ସ୍ଥିତି ଦୁନିଆଁରେ କଣ ଥିଲା ? [2]

(iii) ଆଲୁଅ ଠାରୁ ଅନ୍ଧାର ଭଲବୋଲି କବି କହିଛନ୍ତି କାହିଁକି ? [2]

(iv) ସାମାଜିକ ବାସ୍ତବତା ଉପରେ ଦୃଷ୍ଟି ରଖି ପ୍ରତାପଶାଳୀ ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ଉପସ୍ଥାପନ କର । [5]



Downloaded From www.icseboard.org

**Question 5** [10]

ସାହୁ, ଜମିଦାରଙ୍କ ଶୋଷଣରୁ ମୁକ୍ତି ପାଇଁ ଅଭାବୀ ମଣିଷଙ୍କର ରେଙ୍ଗୁନ ଯାତ୍ରା ଥିଲା ଏକ ମାର୍ଗ , ଏକ ପ୍ରତିବାଦବି - ଆଲୋଚନା କର ।

**Question 6** [10]

'ଗ୍ରାମ ଶ୍ମଶାନ' ଭୟ ଓ ସଂଭ୍ରମ ଉଦ୍ରେକ କରୁଥିବା ଦୃଶ୍ୟରାଜିର ବର୍ଣ୍ଣନା କର ।

## ଗଳ୍ପ ବାରିଧି (GALPA BARIDHI)

**Question 7**

"ଏହି ସମୟରେ ଦିନେ ଶଙ୍କରଙ୍କର ମାତାଙ୍କ କଥା ମନେପଡ଼ିଲା ।
ଅନେକ ଦିନ ଧରି ସେ ମାତାଙ୍କର କୌଣସି ସମ୍ବାଦ ପାଇନଥାନ୍ତି । ତେଣୁ
ନିଜ ଗ୍ରାମକୁ ଯିବାପାଇଁ ଶଙ୍କର ମନସ୍ଥ କଲେ ।"

(i) ଶଙ୍କରଙ୍କ ମାତାଙ୍କ ଶୁଦ୍ଧିକ୍ରିୟାରେ ଜ୍ଞାତିମାନେ ଯୋଗ ଦେଲେ ନାହିଁ କାହିଁକି ? [1]

(ii) ଜ୍ଞାତିମାନଙ୍କର ବ୍ୟବହାରରେ କ୍ଷୁବଧ ହୋଇ ଶଙ୍କର କି ଅଭିସାପ ଦେଇଥିଲେ ? [2]

(iii) ଶଙ୍କରଙ୍କୁ ଦିଗବିଜୟୀ ଶଙ୍କର ବୋଲି କାହିଁକି କୁହାଯାଇଛି ? [2]

(iv) କାହିଁକି ଓ କିପରି ଶଙ୍କର କାମସୁତ୍ର ଜ୍ଞାନ ଲାଭ କରିଥିଲେ ? [5]

**Question 8** [10]

ଡାରଉଇନ ବିବର୍ତ୍ତନବାଦ ଉପରେ ଦେଇଥିବା ଦ୍ୱିତୀୟ ତଥ୍ୟଟି କଣ ଓ ତାଙ୍କୁ କେଉଁ ନାମରେ ଅଭିହିତ କରାଯାଇଛି ?

**Question 9** [10]

ସକ୍ରେଟିସଙ୍କ ଦୃଢ଼ ସିଦ୍ଧାନ୍ତ ତାଙ୍କର ଛାତ୍ର ମାନଙ୍କୁ କାହିଁକି ହତାଶ କରିଥିଲା ?



Downloaded From www.icseboard.org

## ଦିଗ ଦର୍ଶକ (DIG DARSAK)

**Question 10**

"ତା ହେଲେ - ଶୋଭାଯାତ୍ରାରେ ମଣିଷ ଆଜି ତାଙ୍କୁ ଅନାଇଁ ହସିଲେଣି ।

ମଜାର ବିଷୟ ! ଅବଶେଷରେ ରାଜପଥର ନିର୍ଜ୍ଜନତାର ପ୍ରାନ୍ତରେ ଥିବା ସୁନ୍ଦର ବାଂଲୋଟି ଆଗରେ ଏକାକିନୀ ଦଣ୍ଡାୟମାନ ସୁକୁମାରୀ ଟିକି ଝିଅଟି ମଧ ତାଙ୍କ ଆଡକୁ ଅନାଇଁ ହସିଦେଲା ।"

(i) ରାଓଙ୍କୁ ଦେଖି ଟିକି ଝିଅଟି ହସିଲା କାହିଁକି ? [1]

(ii) ଶିକ୍ଷୟତ୍ରୀଙ୍କ ପ୍ରତି ରାଓଙ୍କର କି ଧାରଣା ଥିଲା ? [2]

(iii) ରାଓ ପଦାକୁ ବାହାରି ଆସିବାର ଉଦ୍ଦେଶ୍ୟ କଣ ଥିଲା ? [2]

(iv) ରାଓଙ୍କ ହୃଦୟରେ ହସର ଭୂମିକମ୍ପ ସୃଷ୍ଟି ହେବାର ରହସ୍ୟଟି କଣ ? [5]

**Question 11** [10]

କଳିଙ୍ଗର ବିଗତ ଗୌରବକୁ ପୁନଃ ମୂଲ୍ୟାଙ୍କନ କରିବାକୁ ଯାଇ ଅବତାରଣ କରାଯାଇଥିବା କାଳ୍ପନିକ ପ୍ରେମ କାହାଣୀର ବର୍ଣ୍ଣନା କର ।

**Question 12** [10]

" ଡ଼ିମିରି ଫୁଲ " ଗଳ୍ପର ନାମକରଣର ଯଥାର୍ଥତା ପ୍ରତିପାଦନ କର ।

## ଛ' ମାଣ ଆଠ ଗୁଣ୍ଠ (CHHA MANA ATHAGUNTHA)

**Question 13**

"ଲୋକ କହନ୍ତି, ପିତା ଗୁଣରେ ପୁତ୍ର । " ମାତ୍ର ଏ କଥା ମଧ ସତ୍ୟ , " ବଂଶନାଶ ବେଳକୁ ଘୋଡାମୁହାଁ ପୁଅର ଜନ୍ମ । " ଭଗିର ବାପା ଗୋବିନ୍ଦ ଚନ୍ଦ୍ର ଗାଁର ଜଣେ ସେରନ୍ତା ଲୋକ ଥିଲା । "

(i) ଚନ୍ତି ସାଇ ମୁଣ୍ଡରେ ଦଧିବାମନ ମନ୍ଦିର କିପରି ତିଆରି କରିଥିଲେ ? [1]

(ii) ଭଗିଆ ନିକଟରେ କି କି ସଦଗୁଣ ରହିଥିଲା ? [2]

(iii) ଭଗିଆ "ଛ' ମାଣ ଆଠ ଗୁଣ୍ଠ" ଜମି କିପରି ପାଇଥିଲା ? [2]

(iv) ଭଗିଆ ଓ ସାରିଆର ପାରିବାରିକ ସମୟ କିପରି ଅତିବାହିତ କରୁଥିଲେ ବର୍ଣ୍ଣନା କର ? [5]



Downloaded From www.icseboard.org

**Question 14** **[10]**

"ଅସତର ଧନ ଫଳେ ବହୁତ , ଗଳା ବେଳେ ଯାଏ ମୂଳ ସହିତ "- ଉକ୍ତିଟିର ସତ୍ୟତା ଉପନ୍ୟାସକୁ ଭିତ୍ତି କରି ପ୍ରତିପାଦନ କର ।

**Question 15** **[10]**

ଅସୁରଦୀଘି ପୋଖରୀ ଉପରେ ଥିବା ଇତିହାସ ଅବତାରଣ କର ।

Downloaded From www.icseboard.org